## ସଂକ୍ଷେପରେ

### ଆମ୍ବ ବଗିଚା ନଷ୍ଟ କଲେ ହାତୀ



**ବଇଣ୍ଡା,୪।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ସଦାନନ୍ଦପୁର ଗ୍ରାମରେ ହାତୀ ଉପଦ୍ରବ୍ୟ ଲାଗି ରହିଛି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗୁରୁବାର ହାତୀପଲ ଗ୍ରାମକୁ ପଳାଇ ଆସି ବ୍ରଜବନ୍ଧୁ ବିଶ୍ୱାଳ, ଜଗବନ୍ଧୁ ବିଶ୍ୱାଳ, ରଞ୍ଜନ ବିଶ୍ୱାଳ, ବୃନ୍ଦାବନ ବିଶ୍ୱାଳଙ୍କ ୪୦ରୁ ଉର୍ଦ୍ଧ୍ୱ ଆମ୍ବ ଗଛ ଭାଙ୍ଗି ଦେଇଛନ୍ତି। ଏପରିକି ଗ୍ରାମରେ ପଶି ଅନେକଙ୍କ ପନିପରିବା ଏବଂ କଦଳୀ ଗଛ ନଷ୍ଟ କରିଦେଇଛନ୍ତି। ଏ ନେଇ ଗ୍ରାମବାସୀ ଶୁକ୍ରବାର ରେଞ୍ଜ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ହାତୀ ଉପଦ୍ରବ ଲାଗି ରହିଥିଲେ ହେଁ ବନବିଭାଗ ପକ୍ଷରୁ କୌଣସି ପଦେକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ହାତୀ ଘଉଡ଼ାଇବା ସହ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ୩ ଦୋକାନ ସିଲ୍, ଜରିମାନା ଆଦାୟ

**ପାଲଲହଡା/ ବଇଣ୍ଡା ,୪।୬ (ଡି.ଏନ.ଏ.):** ପାଲଲହଡ଼ା ଉପଖଣ୍ଡରେ କରୋନା କଟକଣାକୁ ବହୁ ଲୋକ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ବିଭିନ୍ନ ପ୍ରକାର ବାହାନା କରି ସେମାନେ ବଜାରରେ ବୁଲୁଛନ୍ତି। ତେଣୁ ଏପରି ଅମାନିଆଙ୍କୁ ସାବାଡ କରିବା ପାଇଁ ପାଲଲହଡ଼ା ତହସିଲଦାରଙ୍କ ନେତୃତ୍ୱରେ ଶୁକ୍ରବାର ଚେକିଂ କଡାକଡି କରାଯାଇଥିଲା। ଏଥିରେ ୫୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି କଟକଣା ଉଲ୍ଲଂଘନ ଅଭିଯୋଗରେ ୩ଟି ଦୋକାନକୁ ସିଲ୍ କରାଯାଇଥିଲା। ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନଙ୍କ ସହିତ ଏସ୍ଆଇ ଶରତ ଚନ୍ଦ୍ର ସାମଲ, ପ୍ରଦୀପ କୁମାର ପଟ୍ଟନାୟକ ସହଯୋଗ କରିଥିଲେ। ସେହିପରି କିଶୋରନଗର ବ୍ଲକରେ କରୋନା ସଂକ୍ରମଣ ହ୍ରାସ ପାଉ ନ ଥିବାବେଳେ ନୁନୁକାପଶି ପଞ୍ଚାୟତକୁ ଶଟ୍‌ଡାଉନ କରାଯାଇଛି। ହେଲେ ବଇଣ୍ଡା ଅଞ୍ଚଳରେ କେତେଜଣ ଯୁବକ ବିନା ମାସ୍କରେ ବୁଲୁଥିବାରୁ ବଇଣ୍ଡା ଫାଣ୍ଡି ପୋଲିସ ଚଢାଉ କରି ୧୪୦୦ ଟଙ୍କା ଜରିମାନା ଆଦାୟ କରିଛି। ଏଥିସହ ବହୁ ସ୍ଥାନରେ ଯାଞ୍ଚ ମଧ କରାଯାଇଛି।

### ରନ୍ଧା ଖାଦ୍ୟ ବଣ୍ଟନ

**ପାଲଲହଡା,୪।୬(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡର ସ୍ୱେଚ୍ଛାସେବୀ ସଙ୍ଗଠନ ୟୁଥ୍ ଫର ପାଲଲହଡା ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ରୋଗୀ, ଜାତୀୟ ରାଜପଥରେ ଚଳାଚଳ କରୁଥିବା ଟ୍ରକ ଚାଳକ, ପଥିକ ତଥା ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କୁ ସଙ୍ଗଠନର କର୍ମକର୍ତ୍ତାମାନେ ରନ୍ଧା ଖାଦ୍ୟ ବଣ୍ଟନ କରିଛନ୍ତି। ଏହି ମହାମାରୀ ସମୟରେ ଲୋକଙ୍କ ପାଖରେ ରୋଜଗାର ନାହିଁ। ଲୋକେ ଦିମୁଠା ଭଲରେ ଖାଇବାକୁ ପାଉନାହାନ୍ତି। ସେଥିପାଇଁ ସଙ୍ଗଠନ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଉଥିବା ସଭାପତି ଦିବ୍ୟ କିଶୋର ଗଡ଼ନାୟକ ପ୍ରକାଶ କରିଛନ୍ତି।

### ରାସ୍ତା କାମ ନେଇ ଗଣ୍ଡଗୋଳ

**ବଇଣ୍ଡା,୪।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ହିଞ୍ଜିରିଡା ଗ୍ରାମ ସଭାପତି ପାଣୁ ପ୍ରଧାନଙ୍କୁ ସେହି ଗ୍ରାମର ପଞ୍ଚାନନ ପ୍ରଧାନ ମାଡ଼ ସହ ଗାଳିଗୁଲଜ କରିଥିବା ଗୁରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗ୍ରାମରେ ଏକ ରାସ୍ତା କାମ ଚାଲିଥିବାବେଳେ ତାହାକୁ ପଞ୍ଚାନନ ବିରୋଧ କରିବା ସହ ଗ୍ରାମ ସଭାପତିଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ମାଡ଼ ମାରିଥିବା ପାଣୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୩୨/୨୧ ରେ ମାମଲା ରୁଜୁ କରିଛି।

### ଟମାଟୋ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ଛେଣ୍ଡିପଦା,୪।୬(ସ୍ୱ.ପ୍ର.):** ନିଶା ଶିଳ୍ପାଞ୍ଚଳ ଥାନା ନିଶା ଗ୍ରାମଠାରେ ବୁଧବାର ଏକ ଟମାଟୋ ବୋଝେଇ ଗାଡି ଓଲଟି ପଡିଛି। ଫଳରେ ଚାଳକଙ୍କ ସମେତ ଅନ୍ୟ ଜଣେ ବ୍ୟବସାୟୀ ଆହତ ହୋଇଛନ୍ତି। ଦେବଗଡରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଜଣେ ବ୍ୟବସାୟୀ ଟମାଟୋ ନେଇ ଅନୁଗୋଳ ଅଭିମୁଖେ ଯାଉଥିଲେ। ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ନିଶା ଗ୍ରାମଠାରେ ଚାଳକ ନିୟନ୍ତ୍ରଣ ହରାଇବାରୁ ଗାଡିଟି ରାସ୍ତା କଡକୁ ଓଲଟି ପଡିଥିଲା। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଗାଡିକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି।

# ସୁଦୃଢ଼ ହେଉଛି ସ୍ୱାସ୍ଥ୍ୟ ଭିତ୍ତିଭୂମି

**ଅନୁଗୋଳ ଅଫିସ, ୪।୬**

ମହାମାରୀର ଦ୍ୱିତୀୟ ଲହର ଅତିମାରାତ୍ମକ ସାବ୍ୟସ୍ତ ହେଉଥିବାରୁ ଏହାର ଉଚିତ ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଇତିମଧ୍ୟରେ ଅନୁଗୋଳ ଜିଲାରେ ଅଧିକ କୋଭିଡ୍ ହସ୍ପିଟାଲ, କରୋନା କେୟାର ସେଣ୍ଟର (ସିସିସି) ଖୋଲାଯିବା ସହ ଶଯ୍ୟା ସଂଖ୍ୟା, ଆଇସିୟୁ, ଅକ୍ସିଜେନ ସଂଲଗ୍ନ ବେଡ୍ ଓ ଭେଣ୍ଟିଲେଟର ବେଡ୍ ସଂଖ୍ୟା ବୃଦ୍ଧି କରାଯାଉଛି। କୋଭିଡ୍ ପ୍ରଥମ ଲହର ବେଳେ ଜିଲାରେ ଯେତିକି ଶଯ୍ୟା ଥିଲା, ଦ୍ୱିତୀୟ ଲହର ସମୟରେ ତାହାର ୭ ଗୁଣା ବଢ଼ାଯାଇସାରିଛି। ଆମ୍ବୁଲାନ୍ସ ଠାରୁ ଅକ୍ସିଜେନ ଉପଲବ୍ଧ ଯାଏ ସବୁକିଛି ଉପରେ ନଜର ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ମ୍ୟାନେଜମେଣ୍ଟ ସିଷ୍ଟମ(ସିଏମ୍ଏସ୍) ଖୋଲାଯାଇ ଏହାକୁ ନିୟନ୍ତ୍ରଣ କରାଯାଉଛି। ତଥାପି ଜିଲାରେ ମୃତ୍ୟୁ ସଂଖ୍ୟାରେ ରୋକ୍ ଲାଗିପାରୁ ନ ଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ରହିଛି।





ଅନୁଗୋଳ ଜିଲାରେ ଟେଷ୍ଟ ପଜିଟିଭ୍ ରେଟ୍ (ଟିପିଆର୍) ପାଖାପାଖି ୧୦ ପ୍ରତିଶତ ରହିଥିବା କୁହାଯାଉଥିଲେ ମଧ କୋଭିଡ୍ ବିପଦ ଟଳିନି। ଆଗକୁ ତୃତୀୟ ଲହର ଆସିବା ଆଶଙ୍କା ଥିବାରୁ ପ୍ରଶାସନ ଏ ନେଇ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ପ୍ରଥମ ଲହର ସମୟରେ ଜିଲାରେ କେବଳ ଗୋଟିଏ କୋଭିଡ୍ ହସ୍ପିଟାଲ ତାଳଚେରଠାରେ ଖୋଲାଯାଇଥିଲା। ସେହିପରି ଅନୁଗୋଳଠାରେ ଗୋଟିଏ ସିସିସି ରହିଥିଲା। ଏସବୁରେ ମୋଟ୍ ୪୭୫ଟି ସାଧାରଣ ଶଯ୍ୟା ଥିବାବେଳେ ମାତ୍ର ୬ଟି ଆଇସିୟୁ ବେଡ୍, ୮୦ଟି ଅକ୍ସିଜେନ୍ ସଂଲଗ୍ନ ଓ ୬ଟି ଭେଣ୍ଟିଲେଟର

- ଅନୁଗୋଳରେ ବଢ଼ିଛି ୭ ଗୁଣ ଅକ୍ସିଜେନ ବେଡ୍
- ୨ କୋଭିଡ୍ ହସ୍ପିଟାଲ ସହ ସିସିସି ସଂଖ୍ୟା ପହଞ୍ଚିଛି ୫ରେ
- ସିଏମ୍ଏସ୍ ଖୋଲି ନିୟନ୍ତ୍ରଣ ଉଦ୍ୟମ ଚଳାଇଛି ଜିଲା ପ୍ରଶାସନ

ଶଯ୍ୟା ରହିଥିଲା। ବର୍ତ୍ତମାନ ଜିଲାରେ ପ୍ରାୟ ୫ ହଜାର ସଂକ୍ରମିତ ଚିକିତ୍ସାଧୀନ ଥିବା ଓ ଆଗାମୀ ତୃତୀୟ ଲହର ଭୟାନକ ସାବ୍ୟସ୍ତ ହେବ ବୋଲି କୁହାଯାଉଥିବାରୁ ଜିଲାରେ ୨ଟି କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ କରାଯାଇଛି। ଗୋଟିଏ ତାଳଚେରରେ ଓ ଅନ୍ୟଟି ବଅଁରପାଳସ୍ଥିତ ଇଏସ୍ଆଇ ହସ୍ପିଟାଲରେ ଖୋଲାଯାଇଛି। ଏଥିସହ ଅନୁଗୋଳ, ତାଳଚେର, ବଅଁରପାଳ, ଆଠମଲ୍ଲିକ ଓ ପାଲଲହଡ଼ାରେ ସିସିସି ବ୍ୟବସ୍ଥା ହୋଇଛି। ଜେଏସ୍‌ପିଏଲ୍ ଠାରେ ଖୋଲାଯାଇଥିବା ସିସିସିକୁ ଏଯାଏ ପ୍ରଶାସନ ହିସାବକୁ ନେଇନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସୋଲେଶନ୍ ୱାର୍ଡ ଖୋଲାଯାଇଛି। ତେଣୁ ମୋଟ୍ ଉପରେ ୧୧୭୩ ସାଧାରଣ ଶଯ୍ୟା, ୬୦ ଆଇସିୟୁ ବେଡ୍, ୫୩୮ ଅକ୍ସିଜେନ୍ ସଂଲଗ୍ନ ବେଡ୍ ଓ ୨୧ଟି ଭେଣ୍ଟିଲେଟର ବେଡ୍ ପ୍ରସ୍ତୁତ ସରିଛି। ଆଗକୁ ଆହୁରି ୨୩୦ଟି ଶଯ୍ୟା ଓ ୧୦ ଭେଣ୍ଟିଲେଟର ପାଇଁ ଅନୁମୋଦନ ହୋଇଛି। ଏଥିସହ ଜିଲାରେ ପାଖାପାଖି ୩୨ ଟନ୍ ଅକ୍ସିଜେନ୍ ମହଜୁଦ୍ ରହିଛି। ଜିଲାରେ ଏକାଧିକ ଅକ୍ସିଜେନ୍ ପ୍ଲାଣ୍ଟ ଥିବାରୁ ଏ ନେଇ ସମସ୍ୟ ନାହିଁ। ପ୍ରତିଦିନ ପାଖାପାଖି ୩ରୁ ୩.୫ ଟନ୍ ବ୍ୟବହାର ହେଉଛି। ତେଣୁ ଆଗାମୀ ଦିନରେ ଅକ୍ସିଜେନ ସଙ୍କଟ ଜିଲାରେ ଦେଖାଦେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଅନୁଗୋଳ ଜିଲାରେ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଥିବା ବ୍ୟବସ୍ଥା**

| ପ୍ରଥମ ଲହର | | ଦ୍ୱିତୀୟ ଲହର | |
|---|---|---|---|
| କୋଭିଡ୍ ହସ୍ପିଟାଲ ସଂଖ୍ୟା | ୧ | କୋଭିଡ୍ ହସ୍ପିଟାଲ ସଂଖ୍ୟା | ୨ |
| କୋଭିଡ୍ କେୟାର ସେଣ୍ଟର ସଂଖ୍ୟା | ୧ | କୋଭିଡ୍ କେୟାର ସେଣ୍ଟର ସଂଖ୍ୟା | ୫ |
| ମୋଟ୍ ଶଯ୍ୟା | ୪୭୫ | ମୋଟ୍ ଶଯ୍ୟା | ୧୧୭୩ |
| ଆଇସିୟୁ | ୬ | ଆଇସିୟୁ | ୬୦ |
| ଅକ୍ସିଜେନ୍ ସଂଲଗ୍ନ | ୮୦ | ଅକ୍ସିଜେନ ସଂଲଗ୍ନ | ୫୩୮ |
| ଭେଣ୍ଟିଲେଟର ବେଡ୍ | ୬ | ଭେଣ୍ଟିଲେଟର ବେଡ୍ | ୨୧ |

### ଟିମ୍ ଅନୁଗୋଳ ଜୋରଦାର ଉଦ୍ୟମ ଚଳାଇଛି



"ଅନୁଗୋଳ ଜିଲାରେ କୋଭିଡ୍ ମୁକାବିଲା ପାଇଁ ଟିମ୍ ଅନୁଗୋଳ ଅନବରତ କାର୍ଯ୍ୟ କରୁଛି। ଆଗକୁ ଏହା ଆହୁରି ଜୋରଦାର କରାଯିବ। କୋଭିଡ୍‌ର ଦ୍ୱିତୀୟ ଲହର ଆସିବା ପରେ ବିଭିନ୍ନ ରାଜ୍ୟ ଓ ଜିଲା ଉପରେ ନଜର ରଖାଯାଇଥିଲା। ସେ ନେଇ ପ୍ରସ୍ତୁତି ସହ ଯୋଜନା ଆରମ୍ଭ ହୋଇଥିଲା। ତେଣୁ ଖୁବ୍ କମ୍ ସମୟ ମଧ୍ୟରେ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଚେଷ୍ଟା ଚାଲିଛି।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ଅପପ୍ରଚାର ନ ହେଉ



"ଜିଲାରେ କୋଭିଡ୍ ସଂକ୍ରମଣ ବଢ଼ିବାକୁ ନେଇ କେତେଜଣ ଲୋକ ପ୍ରଶାସନକୁ ସମାଲୋଚନା କରୁଛନ୍ତି। କିନ୍ତୁ ବାସ୍ତବ ଘଟଣାକୁ ସେମାନେ ଅନୁଧ୍ୟାନ କରୁନାହାନ୍ତି। ଜିଲାରେ ସ୍କ୍ରିନିଂ ଠାରୁ ଆରମ୍ଭ କରି ଟେଷ୍ଟିଂ ଓ ଯାଞ୍ଚ ଉପରେ ଅଧିକ ଧ୍ୟାନ ଦିଆଯାଉଛି। ଏହାଦ୍ୱାରା ଶୀଘ୍ର ସଂକ୍ରମିତ ଚିହ୍ନଟ ସହ ସୁସ୍ଥ ହେବେ। ତେଣୁ ଏଥିରେ ଭୟଭୀତ ନ ହୋଇ କି ଅପପ୍ରଚାର ନ କରି ସହଯୋଗ କରନ୍ତୁ।

-ବଇତ୍ତୁରା ଦୀପ, ଜିଲା କୋଭିଡ୍ ନୋଡାଲ ଅଧିକାରୀ

### ଯୁବବର୍ଗଙ୍କ ଟିକାକରଣ ଶୀଘ୍ର ହେଉ



"ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ବଢୁଥିଲେ ମଧ ଟିକାକରଣକୁ ନେଇ ଲୋକେ ସନ୍ତୁଷ୍ଟ ନୁହନ୍ତି। ବିଶେଷକରି ଜିଲାରେ ଏଯାଏ ୧୮ରୁ ୪୪ ବର୍ଷର ଲୋକଙ୍କ ଟିକାକରଣ ଆରମ୍ଭ ହୋଇପାରି ନାହିଁ। ତେଣୁ ଯେତେଶୀଘ୍ର ଏହା ଉପରେ ଗୁରୁତ୍ୱ ଦିଆଯିବ, ସେତେ ଭଲ। କାରଣ ଟିକା ହିଁ କରୋନା ବିରୋଧରେ ଏଯାଏ ସଞ୍ଜୀବନୀ ସାଜିଆସିଛି। ତେଣୁ ଜିଲା ପ୍ରଶାସନ ସରକାରଙ୍କ ନିକଟରେ ଅଧିକ ଟିକା ଦାବି କରନ୍ତୁ।

-ଦେବାଶିଷ ମିଶ୍ର, ଅନୁଗୋଳ

### ଅକ୍ସିଜେନ୍ ମହଜୁଦ୍ ରହିବା ବଡ଼ ଆଶ୍ୱାସନା



"ଅନୁଗୋଳ ଜିଲାରେ ଅକ୍ସିଜେନ ଉତ୍ପାଦନ ହେଉଛି। ଦେଶର ବିଭିନ୍ନ ରାଜ୍ୟକୁ ଏଠାରୁ ବହୁ ଟନ୍ ଅକ୍ସିଜେନ ଟ୍ୟାଙ୍କର ମାଧମରେ ପଠାଯାଉଛି। ତେଣୁ କୋଭିଡ୍ ସଂକ୍ରମିତଙ୍କ ପାଇଁ ଅକ୍ସିଜେନର ଅଭାବ ଅନୁଗୋଳରେ ପରିଲକ୍ଷିତ ହେବ ନାହିଁ ବୋଲି ପ୍ରଶାସନ କହୁଛି। ଏହା ସମସ୍ତଙ୍କ ପାଇଁ ଏକ ବଡ଼ ଆଶ୍ୱାସନା ହୋଇପାରିଛି।

-ପ୍ରତାପ ମହାପାତ୍ର, ଅନୁଗୋଳ

## ୩୯୫ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ ୪।୬**

ଅନୁଗୋଳ ଜିଲାରୁ ଶୁକ୍ରବାର ୩୯୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୫ହଜାର ୮୩୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ବଅଁରପାଳ ବ୍ଲକରୁ ସର୍ବାଧିକ ୧୦୩ ଜଣ, ଛେଣ୍ଡିପଦା ବ୍ଲକରୁ ୪୯, ଅନୁଗୋଳ ବ୍ଲକରୁ ୪୬, କିଶୋରନଗର ବ୍ଲକରୁ ୪୫, ତାଳଚେର ବ୍ଲକରୁ ୪୩, ଆଠମଲ୍ଲିକ ବ୍ଲକରୁ ୩୪, କଣିହାଁ ବ୍ଲକରୁ ୩୧, ପାଲଲହଡ଼ା ବ୍ଲକରୁ ୧୪, ତାଳଚେର ପୌରପାଳିକାରୁ ୧୩, ଅନୁଗୋଳ ପୌରପାଳିକାରୁ ୧୧ ଓ ଆଠମଲ୍ଲିକ ଏନ୍ଏସିରୁ ୬ ଜଣ ରହିଛନ୍ତି। ଏଥିସହ ଜିଲାରୁ ଦିନକରେ ୧୦୪୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ୩ ଜଣଙ୍କ ମୃତ୍ୟୁ ହୋଇଥିବାରୁ ମୋଟ୍ ମୃତ୍ୟୁ ସଂଖ୍ୟା ୧୨୪ରେ ପହଞ୍ଚିଛି।

## ଚୋରା କେନ୍ଦୁପତ୍ର ଜବତ

**ବଇଣ୍ଡା ୪।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ରେଞ୍ଜ କୁସୁଣୀ ଗ୍ରାମରେ ଗୁରୁବାର ରାତିରେ ବାମୁର ବନବିଭାଗ ଚଢାଉ କରି ଏକ ଚୋରା କେନ୍ଦୁପତ୍ର ବୋଝେଇ ବୋଲେରୋ ଜବତ କରିଛି। ଏଥିରେ ୨ କୁଇଣ୍ଟାଲ କେନ୍ଦୁପତ୍ର ଥିବାବେଳେ ଏହାର ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ବିଭାଗ ସୂତ୍ରରୁ ପ୍ରକାଶ, ମାଧପୁର ଅଞ୍ଚଳରୁ ଏକ ବୋଲେରୋ (ନଂ. ଓଆର୧୯ଜେ-୨୩୫୧) ଚୋରା କେନ୍ଦୁପତ୍ର ବୋଝେଇ କରି ବାମୁର ଅଭିମୁଖେ ଆସୁଥିବାବେଳେ ବାମୁର ରେଞ୍ଜର କୁଳେଶ ସାହୁ, ଫରେଷ୍ଟର ପ୍ରଦୀପ ନାୟକ, ଗାର୍ଡ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଚଢାଉ କରିଥିଲେ। ଚାଳକ ଓ ବ୍ୟବସାୟୀ ଫେରାର ହୋଇଯାଇଛନ୍ତି।

# ସିସିସି ଖୋଲିବା ନେଇ ଆଲୋଚନା

**ପାଲଲହଡା,୪।୬(ଡି.ଏନ.ଏ.)**

ପାଲଲହଡାରେ କୋଭିଡ କେୟାର କେନ୍ଦ୍ର (ସିସିସି) ଖୋଲିବା ପାଇଁ ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ଉପଜିଲାପାଳ ଏବଂ ତହସିଲଦାର ସ୍ୱାଗତ ଦାସଙ୍କ ସହିତ ଆଲୋଚନା କରିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ବରିଷ୍ଠ ଭାଜପା ନେତା ରୁଦ୍ର ନାରାୟଣ ପାଣିଙ୍କ ସମେତ ବହୁ ସଦସ୍ୟ ଏହି ଆଲୋଚନାରେ ସାମିଲ ଥିଲେ। ଏହି ଅବସରରେ ପାଣି କହିଥିଲେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଉପଖଣ୍ଡକୁ ୨୫ ଗୋଟି ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ପ୍ରଦାନ କରାଯାଇଛି। କିନ୍ତୁ ତାହା ଲୋକଙ୍କ କାମରେ ଆସିବା ପରିବର୍ତ୍ତେ ପଡ଼ି ରହିଛି। ଅନ୍ୟପଟେ ଉପଜିଲାପାଳ ଅଜିତ କୁମାର ପ୍ରଧାନ କହିଥିଲେ, କୋଭିଡ କେୟାର ସେଣ୍ଟରରେ ୪ ଜଣ ଡାକ୍ତର ଯୋଗଦେଇ ସାରିଥିବାବେଳେ ରୋଗୀ ରହିବା ପାଇଁ ପ୍ରସ୍ତୁତି ସରିଛି। ଆସନ୍ତା ୨ରୁ ୩ ଦିନ ଭିତରେ ସମସ୍ତ କାମ ସାରି ସେଣ୍ଟର ଖୋଲାଯିବ। ଏହାପରେ ପ୍ରତିନିଧି ଦଳ ଆଦର୍ଶ ବିଦ୍ୟାଳୟଠାରେ ହେବାକୁ ଥିବା କୋଭିଡ କେୟାର ସେଣ୍ଟର ବୁଲି ଦେଖିଥିଲେ। ପ୍ରତିନିଧି ଦଳରେ ମଣ୍ଡଳ ସଭପତି ପଞ୍ଚାନନ ସାହୁ, ବରିଷ୍ଠ ନେତା ତନ୍ମୟ ସାହୁ, ଜିଲା ଉପସଭାପତି ଲିଙ୍ଗରାଜ ଦାସ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି, ବିକାଶ ନହରା, ବିଜୟ କେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଆଲୋଚନା ପାଇଁ ଆସିଥିବା ଭାଜପା ପ୍ରତିନିଧି ଦଳ।

# କିନ୍ନର ଚିନ୍ମୟୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଫୋନ, ପ୍ରଶଂସା

**ଉତ୍ସର୍ଗୀକୃତ ସେବା ପାଇଁ ଜଣାଇଲେ ସାଧୁବାଦ**

**ଛେଣ୍ଡିପଦା,୪।୬(ସ୍ୱ.ପ୍ର.)**

୫୦ କିଲୋମିଟର ଦୂରରେ ଥିଲେ ମଧ ଫୋନ୍ କଲ୍‌ଟିଏ ପାଇ କୋଭିଡ୍ ସଂକ୍ରମିତଙ୍କ ମୃତଦେହ ସଂସ୍କାର ନିମନ୍ତେ ପହଞ୍ଚିଯାଉଥିବା ଅନୁଗୋଳ ଜିଲା ଜରପଡ଼ାର ସାମାଜିକ କର୍ମୀ କିନ୍ନର ଚିନ୍ମୟୀ ଦାସଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫୋନ କରିବା ସହ ପ୍ରଶଂସା କରିଛନ୍ତି। ମହାମାରୀ ସମୟରେ ଚିନ୍ମୟୀଙ୍କ ଉତ୍ସର୍ଗୀକୃତ ସେବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଅନେକ ଉଚ୍ଚପଦସ୍ଥ ଅଧିକାରୀ, ରାଜନେତା ମଧ ଟୁଇଟ୍ କରି ଚିନ୍ମୟୀଙ୍କୁ ଉତ୍ସାହିତ କରିଛନ୍ତି।

ଜଗତସିଂହପୁର ଜିଲାର ମୂଳ ନିବାସୀ ଚିନ୍ମୟୀ କିଛି ବର୍ଷ ହେଲା ଅନୁଗୋଳ ଜିଲାରେ ରହୁଛନ୍ତି। ଜରପଡାଠାରେ ତାଙ୍କର ଏକ ଛୋଟ ଲେଡିଜ୍ କର୍ନର ଅଛି। ସେଥିରୁ ଯାହା ଅର୍ଥ ଉପାର୍ଜନ ହୁଏ, ସେଥିରେ ସେ ନିଜେ ଚଳିବା ସହ ଅସହାୟ ଲୋକଙ୍କୁ ସହାୟତା ଯୋଗାଇବାରେ ବ୍ୟୟ କରନ୍ତି। ପୂର୍ବରୁ ରୋଗୀଙ୍କ ସେବା କରି ଆସୁଥିବା ଚିନ୍ମୟୀ ବର୍ତ୍ତମାନ ମହାମାରୀ ସମୟରେ କୋଭିଡ୍ ସଂକ୍ରମିତଙ୍କ ମୃତଦେହ ସତ୍କାର କରିବାରେ ଲାଗିପଡ଼ିଛନ୍ତି। ତାଙ୍କ ସହାୟତା ଲୋଡୁଥିବା ପରିବାର ନିକଟରେ ପହଞ୍ଚି ନିଜ ସୁବିଧାରେ ମୃତଦେହ ନେଇ ଦାହ କରୁଛନ୍ତି। ଏଥିପାଇଁ କାହାଠାରୁ ଟଙ୍କାଟିଏ ସେ ନିଅନ୍ତି ନାହିଁ। ଏପରି ମହତ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟାହ୍ନ ୧୨ଟା ୭ ମିନିଟ୍‌ରେ ଚିନ୍ମୟୀଙ୍କୁ ଫୋନ କରିଥିଲେ। ୪୦ ସେକେଣ୍ଡର କଥାବାର୍ତ୍ତା ମଧ୍ୟରେ କୋଭିଡ୍ ସମୟରେ ଗରିବ, ଅସହାୟଙ୍କ ଶବ ସତ୍କାର କରି ସେ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି ଓ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ କହିଥିବା ଚିନ୍ମୟୀ ପ୍ରକାଶ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ଟୁଇଟ୍ ମଧ କରିଛନ୍ତି। ସେହିପରି ବରିଷ୍ଠ ଆଇପିଏସ୍ ଅଧିକାରୀ ଅରୁଣ ବୋଥ୍ରା, ନରସିଂହ ଭୋଳଙ୍କ ସମେତ ଅନେକ ନେତା ଚିନ୍ମୟୀଙ୍କୁ ଟୁଇଟ୍ କରି ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ଚିନ୍ମୟୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଫୋନ୍ ତାଙ୍କୁ ଅଧିକ ପ୍ରେରଣା ଦେଇଛି। ଆଗାମୀ ଦିନରେ ସେ ଅଧିକରୁ ଅଧିକ ଗରିବ, ଅସହାୟ ଲୋକଙ୍କୁ ସହାୟତା କରିବେ।





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟୁଇଟ୍।



ସାମାଜିକ କର୍ମୀ କିନ୍ନର ଚିନ୍ମୟୀ।

# ବୁଲିବ 'ଗାଁ ଆମ୍ବ ପସରା' ଗାଡ଼ି

**ଅନୁଗୋଳ ଅଫିସ,୪।୬**

ଅନୁଗୋଳ ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବୁଲିବ ୪ଟି 'ଗାଁ ଆମ୍ବ ପସରା' ଗାଡ଼ି। ଆସନ୍ତା ୫ ତାରିଖରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହାର ଶୁଭାରମ୍ଭ କରିବେ। ଏଥିରେ ଉତ୍ପାଦକ ଦଳ ଓ କୃଷକ ଉତ୍ପାଦକ ସଂଘ ଦ୍ୱାରା ଅମଳ ହୋଇଥିବା ବିଭିନ୍ନ କିସମର ସ୍ୱାଦିଷ୍ଟ ଆମ୍ବ ବିକ୍ରୟ କରାଯିବ। ଆସନ୍ତା ସାବିତ୍ରୀ ବ୍ରତ ଓ ରଜ ପର୍ବକୁ ଦୃଷ୍ଟିରେ ରଖି ୫ରୁ ୧୫ ତାରିଖ ଯାଏ ଜିଲାର ଖାଉଟିମାନଙ୍କ ନିକଟରେ ଆମ୍ରପାଲି, ଦଶେରୀ, ଲଙ୍ଗେଡା, ବମ୍ବେ ଗ୍ରୀନ୍, ହେମସାଗର, ସୁନ୍ଦରୀ, ମଲ୍ଲିକା ଓ ବାଇଗଣପଲି ଆଦି ବିଭିନ୍ନ କିସମର ଆମ୍ବ ପହଞ୍ଚାଯିବ।

ଓରମାସ ଦ୍ୱାରା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହଠାରେ ବୁଧବାର ଆମ୍ବ ବିକ୍ରୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଓରମାସ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଉତ୍ପାଦକ ଦଳ, କୃଷକମାନେ ଉପସ୍ଥିତ ଥିଲେ। ଏଥିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଏନ୍‌ଟିପିସି କଣିହାଁ, ଏମ୍‌ସିଏଲ୍ ତାଳଚେର, ଟିଟିପିଏସ୍ ତାଳଚେର, ତାଳଚେର ପୌରାଞ୍ଚଳରେ ହୋମ୍ ଡେଲିଭରି ଦେବା ପାଇଁ ମୋବାଇଲ ନଂ. ୯୧୨୪୫୬୯୧୬୯, ୭୭୫୨୦୦୪୧୨୪ରେ ଯୋଗାଯୋଗ କରାଯାଇପାରିବ। ସେହିପରି ଜେଏସ୍‌ପିଏଲ୍ ଟାଉନଶିପ୍, ନିଶା, ହୁଲୁରୁସିଙ୍ଗା, ମିଶ୍ରପଡା, ହେମସୁରପଡା, ଅନୁଗୋଳ ସରକାରୀ ମହାବିଦ୍ୟାଳୟ, ହାକିମପଡାରେ ଡେଲିଭରି ପାଇଁ ମୋବାଇଲ ନଂ. ୭୮୯୪୨୨୩୪୪୩, ବଇଣ୍ଡା, କିଶୋରନଗର, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନଂ. ୮୪୫୬୦୯୫୧୦୩, ତାମ୍ରିତ କଲୋନୀ, ଅମଲାପଡା, ନାଲ୍‌କୋନଗର, ଟାଟା ବିଏସ୍ଏଲ୍, ରାଜକିଶୋରପଡା ଓ ଶିମିଳିପଡା ଅଞ୍ଚଳ ପାଇଁ ନଂ. ୯୯୩୮୭୦୩୪୪୫ ଏବଂ ୯୮୬୧୧୭୩୮୫୭ରେ ଯୋଗାଯୋଗ କରାଯାଇପାରିବ।

## ଚୋରି ମାମଲାରେ ଜଣେ କୋର୍ଟଚାଲାଣ

**କଣିହାଁ,୪।୬(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ଓାର୍କଚାର୍ଜ କଲୋନୀ କ୍ୱାର୍ଟର୍ସରୁ ଏକ ସ୍କୁଟି ଚୋରି ଘଟଣାରେ ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ, ଓ୍ୱାର୍କଚାର୍ଜ କଲୋନୀରେ ରହୁଥିବା ରାଜୁ ସିଂଙ୍କ କ୍ୱାର୍ଟର୍ସରୁ ସ୍କୁଟି (ନଂ. ଓଡି୨୩ଏ-୦୩୧୬) ଚୋରି ହୋଇଥିଲା। କିଛି ଦିନ ତଳେ ରାଜୁଙ୍କ କରୋନାରେ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପରିବାର ଗ୍ରାମକୁ ଯାଇଥିଲେ। ଏହି ସୁଯୋଗରେ କ୍ୱାର୍ଟର୍ସରୁ ଗାଡ଼ି ଚୋରି ହୋଇଥିବା ପଡୋଶୀ ଗୌରହରି ମହାକୁଡ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ସମଲ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ବୁଧବାର ସେହି କଲୋନୀର ପ୍ରଶାନ୍ତ ବାଦିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ସେହି କଲୋନୀର ଜିତୁ ବେହେରା ଓ ବଳିଆ ମହାନ୍ତି ଫେରାର ଥିବା ଜଣାପଡିଛି। ଏ ନେଇ ନମ୍ବର ୧୧୯/୨୧ ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ଆବାସ ଯୋଜନାରୁ ୫ ପରିବାର ବଞ୍ଚିତ

**ଖମାର,୪।୬**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ପଞ୍ଚାୟତ ଓଡ଼ଶ ଗ୍ରାମ କମାରସାହିର ୫ ପରିବାର ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ପରିବାର ଭଙ୍ଗା ଘରେ ଅତି ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଥିବା ବେଳେ ବହୁବାର ନିବେଦନ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଉକ୍ତ ସାହିର ଶରତ ପେଣ୍ଠଇ (୪୦)ଙ୍କ ପରିବାର ଭଙ୍ଗା ଚାଳ ଘରେ ରହୁଛନ୍ତି। ଶରତଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ସେ ଚୋଟ ପିଲାଟିକୁ ଧରି ଅତି ବିପଦସଙ୍କୁଳ ଅବସ୍ଥାରେ ଭଙ୍ଗା ଘରେ ରହୁଛନ୍ତି। ସେହିପରି ସାହିର ନନ୍ଦ ପେଣ୍ଠଇ(୬୦)ଙ୍କ ସହ ୧୦ରୁ ଅଧିକ ସଦସ୍ୟ ମଧ ଭଙ୍ଗା ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ମୂଲ ଲାଗି ଚଳୁଥିବା ଏହି ପରିବାରକୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳୁ ନ ଥିବା ବେଳେ ସାହିର ଗୋପୀ ପେଣ୍ଠଇ, କଷ୍ଟୁ ପେଣ୍ଠଇ, ଅରକ୍ଷିତ ବେହେରାଙ୍କ ମଧ ସମାନ ଅବସ୍ଥା। ଆବାସ ଯୋଜନାରେ ପକ୍କା ଘର ଖଣ୍ଡିଏ ଦେବାକୁ ସମ୍ପୃକ୍ତ ୫ ପରିବାର ପକ୍ଷରୁ ବାରମ୍ବାର ଆବେଦନ କରାଯାଉଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଗତ ୟାସ୍ ବାତ୍ୟାରେ ସେମାନଙ୍କ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବିପଦ ଆଶଙ୍କା ଥିଲେ ମଧ ସମ୍ପୃକ୍ତ ୫ ପରିବାର ଭଙ୍ଗା ଘରେ ରହୁଛନ୍ତି। ଏ ନେଇ ଖମାର ପଞ୍ଚାୟତ ଭିଏଲ୍‌ଡବ୍ଲ୍ୟୁ ସରୋଜ ପ୍ରଧାନ କହିଛନ୍ତି, ନୂତନ ଭାବେ ଏଠାରେ ଯୋଗ ଦେଇଛି। କାଗଜପତ୍ର ଦେଖିବା ପରେ ଯାହା କିଛି କହିପାରିବି।



ଭଙ୍ଗା ଘରେ ରହୁଥିବା ଶରତ ପେଣ୍ଠଇ ଓ ତାଙ୍କ ପୁଅ।

## ସଂକ୍ଷେପରେ

### ୨୫୨ ଆକ୍ରାନ୍ତ, ୫୮୬ ସୁସ୍ଥ

**ଢେଙ୍କାନାଳ ଅଫିସ, ୪।୬:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୨୫୨ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୫୮୬ ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ଜଣେ ସଂକ୍ରମିତଙ୍କ ଜୀବନ ନେଇଛି କରୋନା। ମୃତକ ହେଲେ ହିନ୍ଦୋଳ ବ୍ଲକ ପଞ୍ଚପଡ଼ା ଗ୍ରାମର ୭୨ ବର୍ଷୀୟ ଜଣେ ବ୍ୟକ୍ତି। ସେ କୋଭିଡ୍ ନିମୋନିଆରେ ଆକ୍ରାନ୍ତ ଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହାକୁ ମିଶାଇ ଜିଲାର ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୩୮ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଗଁଦିଆ ବ୍ଲକର ୪୯, ଢେଙ୍କାନାଳ ପୌରାଞ୍ଚଳର ୪୭, ସଦର ବ୍ଲକର ୩୮, ଓଡ଼ାପଡ଼ା ବ୍ଲକର ୩୬, ହିନ୍ଦୋଳ ବ୍ଲକର ୩୧ ଓ ଏନ୍ଏସିର ୩୪, ଭୁବନ ବ୍ଲକର ୧୫, କାମାକ୍ଷାନଗର ବ୍ଲକର ୧୦ ଓ ଏନ୍ଏସିର ୪, ପରଜଙ୍ଗ ବ୍ଲକର ୭, କଙ୍କଡ଼ାହାଡ଼ ବ୍ଲକର ୩ ଜଣ ଅଛନ୍ତି। ଅନ୍ୟ ୩ଜଣ ବିଭିନ୍ନ ଚିକିତ୍ସାଳୟରୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲାର ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୪୦୦୦ରେ ପହଞ୍ଚିଛି।

### ସଂଗ୍ରାମୀ କାଳିନ୍ଦୀ ଚରଣଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନ, ୪।୬(ଡି.ଏନ୍.ଏ.):** ଭୁବନ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ତଥା ବରିଷ୍ଠ କଂଗ୍ରେସ ନେତା କାଳିନ୍ଦୀ ଚରଣ ସାହୁଙ୍କ ପରଲୋକରେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। କାମାକ୍ଷାନଗର ନିର୍ବାଚନମଣ୍ଡଳୀ ସଭାପତି ବିନୋଦ ମହାରଣା, ଯୁବନେତା ପ୍ରଭୁଦତ୍ତ ଭଞ୍ଜ, ପ୍ରଫେସର ସୁବାସ ନାୟକ, ଭାଗବତ ନାୟକ, ମନମୋହନ ସାହୁ, ପୀତବାସ ବେହେରା, ଦେବାନନ୍ଦ ସାହୁ, ଅମୂଲ୍ୟ ଚିନାରା, ସିରାଜୁଦ୍ଦିନ ଖାନ୍, ଜିତେନ୍ଦ୍ର ସାହୁ, ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ଉଦ୍ୟାନ କୃଷିବିତ୍‌ଙ୍କ ପରଲୋକରେ ଶୋକ

**ଢେଙ୍କାନାଳ ଅଫିସ, ୪।୬:** ରାଜ୍ୟ ଉଦ୍ୟାନ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ବେହେରାଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଢେଙ୍କାନାଳ ଜିଲାର ଉଦ୍ୟାନ କୃଷିର ବିକାଶରେ ସ୍ୱର୍ଗତ ବେହେରାଙ୍କ ଯଥେଷ୍ଟ ଅବଦାନ ରହିଥିଲା। ତାଙ୍କ ସମୟରେ ଢେଙ୍କାନାଳରେ ଆମ୍ରପଲି ଆମ୍ବଚାଷର ଶୁଭାରମ୍ଭ ହୋଇଥିଲା। ସୂର୍ଯ୍ୟନାରାୟଣଙ୍କ ପରଲୋକରେ ଭାଜପା ନେତା ନରେଶ ଚନ୍ଦ୍ର ମହାପାତ୍ର, ରୁଦ୍ରନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ସୁନୀଲ୍ ଶର୍ମା, ଅଜୟ ଭଞ୍ଜ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ବ୍ୟବସାୟୀଙ୍କ ବିୟୋଗ

**ଢେଙ୍କାନାଳ ଅଫିସ, ୪।୬:** ଢେଙ୍କାନାଳ କାରିଗର ସାହି ଅଞ୍ଚଳର ବରିଷ୍ଠ ବ୍ୟବସାୟୀ ଦୟାନିଧି ବେହେରା(୭୨)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ୧୫ଦିନ ହେଲା ଅସୁସ୍ଥ ହୋଇ କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ବେହେରା ଓମ୍‌କାର ଇମିଟେଶନ ଦୋକାନର ପ୍ରତିଷ୍ଠାତା। ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ପୈତୃକ ଗ୍ରାମ ହିନ୍ଦୋଳ ବ୍ଲକ କଂସରା ପଞ୍ଚାୟତର ଆମ୍ବିଠି ଭଗତପୁରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦୟାନିଧି ବରିଷ୍ଠ ଫଟୋଗ୍ରାଫର ଶରତ ବେହେରାଙ୍କ ଭାଇ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ଲୋକାର୍ପିତ

**ଭୁବନ, ୪।୬(ଡି.ଏନ୍.ଏ.):** ଭୁବନ ଅଞ୍ଚଳରେ ଅକ୍ସିଜେନ୍ ଆବଶ୍ୟକତାକୁ ପୂରଣ କରିବା ଲାଗି ସ୍ଥାନୀୟ ଏବିଭିପି କାର୍ଯ୍ୟାଳୟରେ କନସେନ୍‌ଟ୍ରେଟର ଲୋକାର୍ପଣ ହୋଇଛି। ଭାରତୀ ଓଡ଼ିଶାର ପୂର୍ବପ୍ରାନ୍ତ ଆନୁକୂଲ୍ୟରେ ଓଏନ୍‌ଜିସି ପକ୍ଷରୁ ଏହି ମେଶିନ ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ ସଂଘ କାର୍ଯ୍ୟବାହ ରୂପକ ମିଶ୍ର, ସ୍ୱୟଂଚାଳକ ହୃଷୀକେଶ ସାହୁ, ଏବିଭିପି ନଗର ସମ୍ପାଦିକା ସାଗରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଶିନ ଦ୍ୱାରା ଭୁବନ ଡାକ୍ତରଖାନାର ରୋଗୀ ଉପକୃତ ହୋଇପାରିବେ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ମନ କିଣୁଛି କିଚେନ ଗାର୍ଡେନ

**ସୁଧୀର କୁମାର ପରିଡ଼ା**
**କାମାକ୍ଷାନଗର, ୪।୬**



ସ୍କୁଲରେ ହୋଇଥିବା କିଚେନ ଗାର୍ଡେନ୍।

- ଆଦର୍ଶ ସାଜିଛି କାନପୁରା ପଞ୍ଚାୟତିରାଜ ହାଇସ୍କୁଲ
- ଛାତ୍ରାବାସର ଚାହିଦା ମେଣ୍ଟାଉଥିଲା ତଟକା ପରିବା
- ସ୍କୁଲ ବନ୍ଦ ଥିବାରୁ ଅଭିଭାବକ, ଶୁଭେଚ୍ଛୁଙ୍କୁ ଦିଆଯାଉଛି
- କାର୍ଯ୍ୟରତ କର୍ମଚାରୀଙ୍କ ଆବଶ୍ୟକତା ପୂରଣ କରୁଛି

ଗୁଣ୍ଠେରୁ ସାମାନ୍ୟ ଅଧିକ ଜମି। ସବୁଜ କିଆରିରେ ଭରପୂର। କେଉଁଠି ଭେଣ୍ଡି ତ ଆଉ କେଉଁଠି ଜହ୍ନି। ଗୁଆଁର, ବାଇଗଣ, ଝୁଡ଼ଙ୍ଗ, ଅମୃତଭଣ୍ଡା ସାଙ୍ଗକୁ ଭଳିକି ଭଳି ଶାଗର ସବୁଜ କିଆରିରେ ପୂରି ଉଠିଛି ପରିବେଶ। କେଉଁ ଚାଷ ଜମି କି ଫାର୍ମ ହାଉସ୍ ନୁହେଁ, ବରଂ ସ୍କୁଲ ହତା ପରିସରରେ ଶୋଭାବର୍ଦ୍ଧନ କରୁଛି ଏଭଳି ଏକ କିଚେନ ଗାର୍ଡେନ। ସରକାରଙ୍କ ୱାର୍କ ଏଜୁକେଶନ ଆନୁକୂଲ୍ୟରେ ପିଲାଙ୍କୁ ପାଠପଢ଼ା ସହ ସ୍ୱାବଲମ୍ବୀ ହେବାର କୌଶଳ ଶିକ୍ଷା ଦିଆଯାଉଥିବାବେଳେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲର କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ନିଷ୍ଠାପର ଉଦ୍ୟମ ବଳରେ ଏହା ସମ୍ଭବପର ହୋଇଛି।

ଶିକ୍ଷା, କ୍ରୀଡ଼ା, କଳା, ବିଜ୍ଞାନରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛି କାନପୁରା ପଞ୍ଚାୟତିରାଜ ହାଇସ୍କୁଲ। ଜିଲାର ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ଏବେ ଚାଷରେ ବି ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତଙ୍କ ଉଦ୍ୟମରେ ସ୍କୁଲ ପରିସରରେ ଥିବା ଜମିରେ ହସୁଛି ପନିପରିବା ବଗିଚା, ଯାହା ଏବେ ଉଦାହରଣ ସୃଷ୍ଟି କରିଛି।

୧୯୯୨ରେ ଗଢ଼ିଉଠିଥିବା ଏହି ଶିକ୍ଷାନୁଷ୍ଠାନରେ ପ୍ରାୟ ୫ ବର୍ଷ ତଳେ କିଚେନ ଗାର୍ଡେନର ପରିକଳ୍ପନା କରାଯାଇଥିଲା। ଏଥିଲାଗି ସ୍ୱତନ୍ତ୍ର ଭାବେ ଦୈନିକ କିଛି ସମୟ ଦେବାକୁ ନିଷ୍ପତ୍ତି ହୋଇଥିଲା। ସ୍କୁଲର ୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ, ଛାତ୍ରାବାସରେ ନିୟୋଜିତ ଜଣେ ଅସ୍ଥାୟୀ କର୍ମଚାରୀ ଏବଂ ପିଲାମାନଙ୍କ ସହାୟତାରେ ଏହାକୁ ସଫଳ ରୂପ ଦିଆଯାଇପାରିଛି। ପାଖାପାଖି ଦେଢ଼ ବର୍ଷ ହେଲା କରୋନା ମହାମାରୀ ଯୋଗୁ ଶିକ୍ଷାକ୍ଷେତ୍ର ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍କୁଲ ମଧ୍ୟ ବନ୍ଦ ରହିଛି। ହେଲେ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମରେ ଏବେ ବି କିଚେନ ଗାର୍ଡେନ ଭର୍ତ୍ତି ହୋଇଛି ତଟକା ପନିପରିବାରେ।

ଚାଷ ସମ୍ପର୍କିତ ଜ୍ଞାନ ପ୍ରଦାନ ଲାଗି ଶିକ୍ଷକ, କର୍ମଚାରୀ ଏବଂ ପିଲାମାନଙ୍କ ସହଯୋଗରେ ଏଭଳି ଏକ ପରିବା ବଗିଚା କରାଯାଇଥିଲା। ପିଲାମାନେ ଏହାର ଯତ୍ନ ନେଉଥିଲେ। ଏଥିଲାଗି ସ୍ୱତନ୍ତ୍ର ସରଣୀ ପ୍ରସ୍ତୁତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଉଦ୍ୟମରେ କିଚେନ ଗାର୍ଡେନର କଳେବର ବଢ଼ିବା ପରେ ସ୍ଥାନୀୟ ଅଞ୍ଚଳର ବଦାନ୍ୟ ବ୍ୟକ୍ତି ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। କେତେଜଣ ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି। ଶୀତଦିନେ ଫୁଲ ଏବଂ ପରିବା ଚାଷରେ ହାରାହାରି ୫୦,୦୦୦ ଟଙ୍କା ଏବଂ ଖରାଦିନେ ୧୦ରୁ ୨୫ ହଜାର ଟଙ୍କା ଯାଏ ଖର୍ଚ୍ଚ ହେଉଛି। ବିଦ୍ୟାଳୟ ଅଧୀନରେ ଥିବା ଛାତ୍ରାବାସ, ଛାତ୍ରୀନିବାସରେ ପାଖାପାଖି ୪୦୦ ଜଣ ରହିବା ବ୍ୟବସ୍ଥା ଅଛି। ଋତୁ ଅନୁଯାୟୀ ଛାତ୍ରାବାସର ଦୈନନ୍ଦିନ ଆବଶ୍ୟକତାର ପାଖାପାଖି ୨୫ରୁ ୪୦% ପନିପରିବା କିଚେନ ଗାର୍ଡେନରୁ ବାହାରେ, ଯାହା ଅନ୍ତେବାସୀଙ୍କ ଚାହିଦା ମେଣ୍ଟାଉଥିଲା। ଏବେ ସ୍କୁଲ ବନ୍ଦ ଥିବାରୁ ଉତ୍ପାଦିତ ପରିବା କାର୍ଯ୍ୟରତ କର୍ମଚାରୀ, ଅଭିଭାବକ ଏବଂ ଶୁଭେଚ୍ଛୁଙ୍କୁ ବାଣ୍ଟି ଦିଆଯାଉଛି। ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତିରେ କର୍ମଚାରୀମାନେ ଗାର୍ଡେନର ତଦାରଖ କରୁଛନ୍ତି। ଫସଲରେ ଜୈବିକ ଖତସାର ପ୍ରୟୋଗକୁ ଅଗ୍ରାଧିକାର ଦିଆଯାଉଥିବାବେଳେ ଦୈନିକ ଅପରାହ୍ନରେ ୨ରୁ ୩ ଘଣ୍ଟା ଶ୍ରମ ବିନିଯୋଗ କରାଯାଉଥିବା ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

#### ଆନନ୍ଦ ମିଳୁଛି



ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଲାଗି ସରକାର ୱାର୍କ ଏଜୁକେଶନ ଆରମ୍ଭ କରିଛନ୍ତି। ଏଥିଲାଗି ପାଠପଢ଼ା ସାଙ୍ଗକୁ ବିଭିନ୍ନ ବିଷୟରେ ଶିକ୍ଷାଦାନ କରାଯାଉଛି। ପିଲାମାନେ ଶ୍ରମ ବିନିଯୋଗ କରି କିଚେନ ଗାର୍ଡେନ ତିଆରି କରିଛନ୍ତି। ବଗିଚାରୁ ଉତ୍ପାଦିତ ପରିବା ସେମାନେ ବ୍ୟବହାର କରୁଛନ୍ତି। ହାତପାଆନ୍ତାରେ ତଟକା ପରିବା ମିଳୁଥିବାରୁ ଆନନ୍ଦ ମିଳୁଛି।

-ଶ୍ରୀରାମ ରାଉତ, ପ୍ରଧାନ ଶିକ୍ଷକ

#### ପ୍ରଶଂସନୀୟ ଉଦ୍ୟମ



କାନପୁରା ପଞ୍ଚାୟତିରାଜ ହାଇସ୍କୁଲ ଅଞ୍ଚଳବାସୀଙ୍କ ଗର୍ବ ଓ ଗୌରବର ପ୍ରତୀକ। ଏଠାରେ କାର୍ଯ୍ୟରତ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ସବୁବେଳେ ଭିନ୍ନ କରି ଦେଖାଇଥାଆନ୍ତି। ସ୍କୁଲ ପ୍ରଶାସନର ଉଦ୍ୟମରେ କରାଯାଇଥିବା କିଚେନ ଗାର୍ଡେନ ଏକ ନିଆରା ପରିକଳ୍ପନା। ଏଭଳି ଉଦ୍ୟମ ପ୍ରଶଂସନୀୟ।

-ସର୍ବେଶ୍ୱର ପାତ୍ର, ବୁଦ୍ଧିଜୀବୀ

#### ପରାମର୍ଶ କାମରେ ଆସିଲା



ଏକ ଚାରାବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପ୍ରଧାନ ଶିକ୍ଷକଙ୍କ ସହିତ ସ୍କୁଲରେ ଏକ କିଚେନ ଗାର୍ଡେନ କରିବା ବିଷୟରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପ୍ରଶାସନ ପରାମର୍ଶକୁ ଗୁରୁତ୍ୱ ଦେଇଥିଲା, ଯାହା ଏବେ କାମରେ ଆସିଛି। ଛାତ୍ରୀଛାତ୍ର ଏବଂ କର୍ମଚାରୀ ନିଷ୍ଠାପର ଉଦ୍ୟମ ଯୋଗୁ ଏହା ସମ୍ଭବପର ହୋଇଛି। ଏଭଳି କାର୍ଯ୍ୟରେ ଅଞ୍ଚଳର ବୁଦ୍ଧିଜୀବୀ, ଅଭିଭାବକ ସହଯୋଗ କରିବା ସ୍ୱାଗତଯୋଗ୍ୟ।

-ଅଖିଳ କୁମାର ପଣ୍ଡା, ପ୍ରକୃତିପ୍ରେମୀ

# ଅକ୍ସିଜେନ ସିଲିଣ୍ଡର ପ୍ରଦାନ




କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୪।୬**

କରୋନା ମହାମାରୀ ସମୟରେ ଆବଶ୍ୟକତା ଅନୁଯାୟୀ ରୋଗୀଙ୍କୁ ଢେଙ୍କାନାଳ ବଜରଙ୍ଗ କ୍ଲବ ନିଃଶୁଳ୍କ ଅକ୍ସିଜେନ୍ ସେବା ଯୋଗାଇ ଆସୁଛି। ଏହାଦ୍ୱାରା ଗୃହ ସଙ୍ଗରୋଧରେ ଥିବା ବହୁ ରୋଗୀ ଉପକୃତ ହେଉଛନ୍ତି। ଏଭଳି ମହତ୍ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସଦରଥାନା ଭାରପ୍ରାପ୍ତ ଅଧିକାରୀ ଅଭିନବ ଡାଲୁଆ ୪୭. ୫ଲି. କ୍ଷମତା ବିଶିଷ୍ଟ ୨ଟି ଓ ୧୦ ଲି. କ୍ଷମତା ବିଶିଷ୍ଟ ଗୋଟିଏ ସିଲିଣ୍ଡର, କାମାକ୍ଷାନଗରର ଯୁବ ସାମାଜିକ କର୍ମୀ ଧର୍ମେନ୍ଦ୍ର ଦାସ ଗୋଟିଏ ୧୦ଲିଟର ସିଲିଣ୍ଡର, ବିରଜା ପ୍ରସାଦ ସାସମଲ୍ ଓ ସମ୍ବିତ୍ ସୂର୍ଯ୍ୟ ସାହୁ ୧୦ ଲିଟର ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ କରିଛନ୍ତି। ଏଥିସହିତ କାମାକ୍ଷାନଗର ରେକୁଲାସ୍ଥିତ ଆୟୁର୍ବେଦ ଚିକିତ୍ସା କେନ୍ଦ୍ରର ମୁଖ୍ୟ ବୈଦ୍ୟ ସର୍ବେଶ୍ୱର ପାତ୍ର ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡଙ୍ଗୀ, ବରିଷ୍ଠ ସଭ୍ୟ ସୁବ୍ରତ ଦାସ, ସନ୍ଦୀପ୍ ହିଣ୍ଡୋଚା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲାରେ ଆମ୍ବୁଲାନ୍ସ ସେବା ଓ ନିଃଶୁଳ୍କ ଅକ୍ସିଜେନ୍ ସେବା ପାଇଁ କ୍ଲବ୍ ପକ୍ଷରୁ ୨୪ ଘଣ୍ଟିଆ ଟେଲିଫୋନ୍ ନଂ. ୭୮୭୩୯୯୮୮୫୫, ୮୨୪୯୭୪୮୮୫୫, ୮୯୦୮୩୩୫୬୦୭ ଏବଂ ୯୯୩୭୦୬୦୦୮୯ରେ ଜାରି କରାଯାଇଛି। ରୋଗୀଙ୍କୁ ସେବା ଯୋଗାଇ ଦେବା ଲାଗି ପ୍ରଶାସନ ପକ୍ଷରୁ କ୍ଲବର ୧୦ ଜଣ ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଛି।

## ପଞ୍ଚାୟତରେ ଅବ୍ୟବସ୍ଥା

**ହିନ୍ଦୋଳ, ୪।୬(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଏ ନେଇ ୱାର୍ଡସଭ୍ୟମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ବର୍ଷେ ହେଲା ପଞ୍ଚାୟତ ବୈଠକ ବସିନାହିଁ। ୱାର୍ଡ ସଭ୍ୟାସଭ୍ୟମାନେ ଭତ୍ତା ପାଇନାହାନ୍ତି। ପଲ୍ଲିସଭା, ଗ୍ରାମସଭା ବିନା ପ୍ରକଳ୍ପ ତାଲିକା ପ୍ରସ୍ତୁତ ହେଉଛି। ଗଭୀର ନଳକୂପ ଖନନ ଏବଂ ଆବାସ କାର୍ଯ୍ୟାଦେଶ ଲାଗି ଅର୍ଥଦାବି କରାଯାଉଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଅନିୟମିତତା ହୋଇଛି। ଏହାର ନିରପେକ୍ଷ ତଦନ୍ତ କରିବାକୁ ୱାର୍ଡସଭ୍ୟ ରଣଜିତ୍ ପ୍ରଧାନ, ସାବିତ୍ରୀ ଦେହୁରୀ, ମାଧବ ଦେହୁରୀ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପିଇଓ କୁହନ୍ତି, କରୋନା ଯୋଗୁ ବୈଠକ ବସିପାରିନାହିଁ। ଆବଶ୍ୟକ ଦସ୍ତାବିଜ ଦେଇ ନ ଥିବାରୁ ୱାର୍ଡସଭ୍ୟଙ୍କୁ ଭତ୍ତା ଅନ୍‌ଲାଇନରେ ପ୍ରଦାନ କରିହେଉନାହିଁ। ୱାର୍ଡସଭ୍ୟଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ସେ ସ୍ପଷ୍ଟୀକରଣରେ କହିଛନ୍ତି।

## ପ୍ରେମ ବିବାହକୁ କେନ୍ଦ୍ରକରି ତୁମୁଳକାଣ୍ଡ

**ଢେଙ୍କାନାଳ ଅଫିସ, ୪।୬**

- ଘରେ ପଶି ନବଦମ୍ପତିଙ୍କୁ ନିସ୍ତୁକ ମାଡ଼
- ୫ ଗୁରୁତର, ୪ ଜଣଙ୍କୁ ବାନ୍ଧିଲା ପୋଲିସ

ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ଅନ୍ତର୍ଗତ ନିମତଇଳା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ପ୍ରେମ ବିବାହକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଛି। ଏଥିରେ ନବଦମ୍ପତିଙ୍କ ସମେତ ଗୋଟିଏ ପରିବାରର ୫ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ଘଟଣାସ୍ଥଳରୁ ଏକ ବନ୍ଧୁକ, ଲୁହାରଡ୍ ଜବତ ହୋଇଛି।

କଟକ ଜିଲା ନରସିଂହପୁର ଥାନା ଅଲରା ଅଞ୍ଚଳର ବିଜୟ ନାୟକଙ୍କ ଝିଅ ପ୍ରଜ୍ଞା ପାରମିତା ପରିବାର ସଦସ୍ୟଙ୍କ ବିରୋଧ ସତ୍ତ୍ୱେ ତରଭା ଗ୍ରାମର ପ୍ରମୋଦ ସେଠୀଙ୍କ ପୁଅ ଦେବେନ୍ଦ୍ରଙ୍କୁ ମେ ୧୭ରେ ମନ୍ଦିରରେ ବିବାହ କରିଥିଲେ। ବିବାହ ପରେ ଦେବେନ୍ଦ୍ର ସ୍ତ୍ରୀଙ୍କ ସହ ନିମତଇଳାସ୍ଥିତ ଘରେ ରହୁଥିଲେ। ଏ ନେଇ ଝିଅଙ୍କ ପରିବାର ପକ୍ଷରୁ ତରଭା ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ଉଭୟ ପକ୍ଷକୁ ଡାକି ଆଲୋଚନା କରିଥିଲା। ତେବେ ନିଷ୍କର୍ଷ ବାହାରି ପାରି ନ ଥିଲା। ଗୁରୁବାର ବିଳମ୍ବିତ ରାତିରେ ଝିଅଙ୍କ ମାମୁ ସହଯୋଗୀଙ୍କ ସହ ଏକ ବୋଲେରୋରେ ଆସି କବାଟ ଭାଙ୍ଗି ଦେବେନ୍ଦ୍ରଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏଥିରେ ଦେବେନ୍ଦ୍ର, ସ୍ତ୍ରୀ ପ୍ରଜ୍ଞା ପାରମିତା, ବାପା ପ୍ରମୋଦ, ଦାଦା ଶ୍ରୀକାନ୍ତ ଏବଂ ଶ୍ରୀଧର ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ତରଭା ଫାଣ୍ଡି ଓ ସଦର ଥାନାକୁ ଅବଗତ କରାଯାଇଥିଲା। ପୋଲିସ ଆସିବା ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ସଦର ଥାନାରେ ନଂ. ୩୧୪/୨୧ରେ ଅଭିଯୋଗ ହୋଇଛି। ପୋଲିସ ପ୍ରଜ୍ଞା ପାରମିତାଙ୍କ ମାମୁ ବରୁଣ ନାୟକ, ସହଯୋଗୀ କାମାକ୍ଷାନଗର ଜିରାଳର ବିଶ୍ୱଜିତ୍ ସାହୁ, ଅରଖପାଳର ନଖିଆ ପ୍ରଧାନ, ସୋଗର ଅଞ୍ଚଳର ଆକାଶ ସାହୁଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

## ୫୦ରୁ ଊର୍ଦ୍ଧ୍ୱ ସେବାୟତଙ୍କୁ ସହାୟତା

**ଭୁବନ, ୪।୬(ଡି.ଏନ୍.ଏ.)**

କରୋନା ମହାମାରୀ ସମୟରେ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଫଳରେ ପୂଜକ, ସେବାୟତ ଏବଂ କର୍ମକାଣ୍ଡ କାର୍ଯ୍ୟ କରୁଥିବା ପଣ୍ଡିତଙ୍କ ଉପାର୍ଜନ ପନ୍ଥା ବନ୍ଦ ହୋଇଯାଇଛି। ଭୁବନ ଅଞ୍ଚଳରେ ଏଭଳି ଶତାଧିକ ସେବାୟତ ପରିବାର ଆର୍ଥିକ ଅନଟନରେ ପଡ଼ିଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ସେମାନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଛି ପୁରୀସ୍ଥିତ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ପୀଠ। ରୁଚି କମ୍ପାନୀ ସହଯୋଗରେ ଶୁକ୍ରବାର ସ୍ଥାନୀୟ ବିଷ୍ଣୁପ୍ରିୟା ଗାଲାକ୍ସି ପରିସରରେ ୫୦ରୁ ଊର୍ଦ୍ଧ୍ୱ ସେବାୟତ ଏବଂ କର୍ମକାଣ୍ଡ ବିଶାରଦଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ପଣ୍ଡିତ ମାତୃପ୍ରସାଦ ମିଶ୍ର, ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶୁଭେନ୍ଦୁ କୁମାର ସାହୁ, ଆଦିତ୍ୟ ବାହିନୀର କର୍ମକର୍ତ୍ତା ପ୍ରଭାସ କୁମାର ସେନାପତି, ନିରଞ୍ଜନ ଗୁରୁ, ସରୋଜ ସାହୁ, ଗୋପୀନାଥ ମହାନ୍ତି, ତୁଷାରକାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିବା ଲାଗି ଏଭଳି ଉଦ୍ୟମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଟ୍ରଷ୍ଟର କର୍ମକର୍ତ୍ତାମାନେ କହିଛନ୍ତି।



ସେବାୟତଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ‘କେନ୍ଦ୍ର ସରକାରଙ୍କ ଟିକାକରଣ ନୀତି ଫେଲ୍’

**ଢେଙ୍କାନାଳ ଅଫିସ, ୪।୬**



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ସ୍ମାରକପତ୍ର
- ତୁରନ୍ତ ଭାକ୍ସିନ କ୍ରୟ କରି ପ୍ରଦାନ କରିବାକୁ ଦାବି

କେନ୍ଦ୍ର ସରକାରଙ୍କ ଟିକାକରଣ ନୀତି ଫେଲ୍ ମାରିଛି। ଲୋକମାନେ ଅପେକ୍ଷା କରିଥିବାବେଳେ ଟିକା ମିଳିପାରୁନାହିଁ। ଫଳରେ ଦେଶବାସୀ ନାହିଁ ନ ଥିବା ହନ୍ତସନ୍ତ ହେଉଥିବା ଅଭିଯୋଗ ଆଣିଛି ଢେଙ୍କାନାଳ ଜିଲା କଂଗ୍ରେସ। ଏ ନେଇ ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଦେଶବାସୀ କରୋନା ମହାମାରୀରେ ଛଟପଟ ହେଉଥିବାବେଳେ କେନ୍ଦ୍ର ସରକାରଙ୍କର ଟିକାକରଣ ନୀତି ଫେଲ୍ ମାରିଛି। ମୋଦି ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଗୋଟିଏ ଡୋଜ୍ ଟିକାକୁ ୧୫୦ଟଙ୍କାରେ କିଣୁଥିବାବେଳେ ରାଜ୍ୟ ସରକାର ସେହି ଟିକାକୁ ୩୦୦ ଟଙ୍କାରେ ଏବଂ ବେସରକାରୀ ହସ୍ପିଟାଲ ୬୦୦ ଟଙ୍କାରେ କିଣିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର ଲୋକଙ୍କୁ ମାଗଣାରେ ଟିକା ପ୍ରଦାନ ବ୍ୟବସ୍ଥା କରିବା ବଦଳରେ ବ୍ୟବସାୟୀକରଣ କରୁଛନ୍ତି। ୧୩୦ କୋଟି ଭାରତୀୟଙ୍କ ଲାଗି ଅଦ୍ୟାବଧି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୩୯ କୋଟି ଟିକାର ବରାଦ କରିଛନ୍ତି, ଯାହା ଉଭୟ ସରକାରଙ୍କ ପରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେ’ ୩୧ ସୁଦ୍ଧା ଦେଶର ୨୧ କୋଟି ୩୧ ଲକ୍ଷ ଲୋକ ଟିକା ନେଇଥିବା ବେଳେ ମାତ୍ର ୪ କୋଟି ୪୫ ଲକ୍ଷ ଲୋକ ୨ଟି ଡୋଜ୍ ଟିକା ନେଇପାରିଛନ୍ତି। ଏହା ମୋଟ ଜନସଂଖ୍ୟାର ମାତ୍ର ୩.୧୭%। ଏଭଳି ଧାରା ଜାରି ରହିଲେ ଟିକାକରଣ ସାରିବାକୁ ୩ବର୍ଷ ଲାଗିଯିବ। ଏହି ଦୀର୍ଘ ସମୟ ଭିତରେ କରୋନା ଆହୁରି ଭୟଙ୍କର ରୂପ ଧାରଣ କରିବ। ଅନେକ ଜୀବନ ଯିବ। ପରିସ୍ଥିତି ଆହୁରି ଭୟାବହ ହୋଇପଡ଼ିବ। ତେଣୁ କେନ୍ଦ୍ର ସରକାର ଅବିଳମ୍ବେ ଟିକା କିଣି ଏହାକୁ ନିଃଶୁଳ୍କ ବିତରଣ କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଦାବିପତ୍ର ପ୍ରଦାନ ବେଳେ ଦଳର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଏଆଇସିସି ସଦସ୍ୟା ସୁଭାସିନୀ ମହାକୁଡ, ପୂର୍ବତନ କାଉନ୍‌ସିଲର ଗୋପାଳ ଚନ୍ଦ୍ର ସାହୁ, ପ୍ରେମଶଙ୍କର ମିଶ୍ର, ରୁଦ୍ରନାରାୟଣ ଶରଣ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

